ଭାରତ-CELAC ବିଦେଶ ମନ୍ତ୍ରୀମାନଙ୍କ ବୈଠକରେ ମିଳିତ ଭାବେ ଅଧ୍ୟକ୍ଷତା କଲେ ଭାରତର ବିଦେଶ ମନ୍ତ୍ରୀ ଏବଂ ଉରୁଗୁଏର ବୈଦେଶିକ ବ୍ୟାପାର ମନ୍ତ୍ରୀ

ଭାରତର ବିଦେଶ ମନ୍ତ୍ରୀ ଡ. ଏସ୍. ଜୟଶଙ୍କର 22 ସେପ୍ଟେମ୍ବର 2026 ରେ ନ୍ୟୁୟର୍କ ଠାରେ ମିଳିତ ଜାତିସଂଘ ସାଧାରଣ ପରିଷଦ (UNGA) ର 81ତମ ଅଧିବେଶନର ଅବସରରେ ଉରୁଗୁଏର ବିଦେଶ ମନ୍ତ୍ରୀ ଶ୍ରୀ ମାରିଓ ଲୁବେଟକିନ୍‌ଙ୍କ ସହିତ ଭାରତ-CELAC ସମ୍ପ୍ରସାରିତ ଟ୍ରୋଇକା ବୈଠକର ମିଳିତ ଭାବେ ଅଧ୍ୟକ୍ଷତା କରିଥିଲେ। ସେଣ୍ଟ ଲୁସିଆର ବିଦେଶ ମନ୍ତ୍ରୀ ଶ୍ରୀ ଆଲଭା ବାପ୍ଟିଷ୍ଟ ମଧ୍ୟ ଟ୍ରୋଇକା ମଧ୍ୟରେ ତାଙ୍କର ଭୂମିକା ବିଷୟରେ ବର୍ଣ୍ଣନା କରିଥିଲେ।

2. ଭାରତ-CELAC ବିଦେଶ ମନ୍ତ୍ରୀମାନଙ୍କ ବୈଠକ (FMM) ରେ ବ୍ୟାପକ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା, ଯେଉଁଥିରେ 16 ଜଣ ବିଦେଶ ମନ୍ତ୍ରୀ ଏବଂ 05 ଜଣ ଉପ-ମନ୍ତ୍ରୀ ସ୍ତରୀୟ ଅଂଶଗ୍ରହଣକାରୀଙ୍କ ସମେତ 33 ଜଣ CELAC ସଦସ୍ୟଙ୍କ ମଧ୍ୟରୁ 30 ଜଣ FMM ରେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ସହିତ ଉରୁଗୁଏ, ସେଣ୍ଟ ଲୁସିଆ, ଆଣ୍ଟିଗୁଆ ଆଣ୍ଡ ବାରବୁଡା, ବାର୍ବାଡୋସ୍, ବୋଲିଭିଆ, କୋଷ୍ଟାରିକା, କ୍ୟୁବା, ଗୁୟାନା, ହାଇତି, ଜାମାଇକା, ନିକାରାଗୁଆ, ସେଣ୍ଟ କିଟ୍ସ ଓ ନେଭିସ୍, ସେଣ୍ଟ ଭିନସେଣ୍ଟ ଓ ଗ୍ରେନାଡିଆନ୍ସ, ତ୍ରିନିଦାଦ ଓ ଟୋବାଗୋ ଏବଂ ଭେନେଜୁଏଲାର ବିଦେଶ ମନ୍ତ୍ରୀମାନେ ଏହି ବୈଠକରେ ଅଂଶଗ୍ରହଣ କରିଥିଲେ।

3. ଅଂଶଗ୍ରହଣକାରୀମାନେ 2025–26 ରେ ଭାରତ–CELAC ଦ୍ୱିପାକ୍ଷିକ ବାଣିଜ୍ୟ $ 50 ବିଲିୟନରେ ପହଞ୍ଚିବାର ଐତିହାସିକ ଉପଲବ୍ଧିକୁ ସ୍ୱାଗତ କରିଥିଲେ ଓ ଅଧିକ ଅଭିବୃଦ୍ଧି ପାଇଁ ଥିବା ବିପୁଳ ସମ୍ଭାବନା ଉପରେ ଗୁରୁତ୍ୱ ଦେଇଥିଲେ।। ଏହି ଆଲୋଚନାରେ ଭାରତ-CELAC ସହଯୋଗକୁ ସୁଦୃଢ଼ କରିବା, ବାଣିଜ୍ୟ ଓ ବିକାଶ ସହଭାଗିତା ବୃଦ୍ଧି କରିବା ଏବଂ ବହୁପାକ୍ଷିକତା ମାଧ୍ୟମରେ ବୈଶ୍ୱିକ ସମସ୍ୟାଗୁଡ଼ିକୁ ସମାଧାନ କରିବା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିଲା। ଉଭୟ ପକ୍ଷ ରାଜନୈତିକ ଆଲୋଚନା, ଅର୍ଥନୈତିକ ସହଯୋଗ ଏବଂ ଜନସାଧାରଣଙ୍କ ମଧ୍ୟରେ ବାର୍ତ୍ତା ବିନିମୟକୁ ଗଭୀର କରିବା ଉପରେ ଗୁରୁତ୍ୱ ଦେଇଥିଲେ। ସେମାନେ ସମୟ ସମୟରେ କାର୍ଯ୍ୟକଳାପଗୁଡ଼ିକର ସମୀକ୍ଷା କରିବା ପାଇଁ ଏକ ସଂସ୍ଥାଗତ ପ୍ରଣାଳୀ ସ୍ଥାପନ କରିବା ଉପରେ ମଧ୍ୟ କାର୍ଯ୍ୟ କରିବା ପାଇଁ ସହମତ ହୋଇଥିଲେ।

4. 2025 ଓ 2026 ରେ ଭୂମିକମ୍ପ ପରେ ଜମାଇକା, ଭେନେଜୁଏଲା ଓ କଲମ୍ବିଆକୁ ଭାରତର ତୁରନ୍ତ ମାନବୀୟ ସହାୟତା ପାଇଁ CELAC ସଦସ୍ୟମାନେ ପ୍ରଶଂସା ବ୍ୟକ୍ତ କରିଥିଲେ।

5. ବାଣିଜ୍ୟ, ଜଳବାୟୁ କାର୍ଯ୍ୟ, ନବୀକରଣଯୋଗ୍ୟ ଶକ୍ତି, ଡିଜିଟାଲ୍ ପରିବର୍ତ୍ତନ, ସ୍ୱାସ୍ଥ୍ୟ, ଖାଦ୍ୟ ସୁରକ୍ଷା, ଗୁରୁତ୍ୱପୂର୍ଣ୍ଣ ଖଣିଜ, ଭିତ୍ତିଭୂମି ନିର୍ମାଣ, ମହାକାଶ ସହଯୋଗ, କୃଷି, HADR ଏବଂ ଦକ୍ଷତା ବିକାଶ ସମେତ ବିଭିନ୍ନ କ୍ଷେତ୍ରରେ CELAC

ଦେଶଗୁଡ଼ିକ ସହିତ ନିଜର ସହଭାଗିତାକୁ ଗଭୀର କରିବା ପାଇଁ ଭାରତ ନିଜର ପ୍ରତିଶ୍ରୁତିବଦ୍ଧତାକୁ ପୁନଃପୁଷ୍ଟି କରିଥିଲା। ଉଭୟ ପକ୍ଷ ସେମାନଙ୍କର ପାରସ୍ପରିକ ଲାଭ ପାଇଁ ସହଯୋଗକୁ ବିସ୍ତାର କରିବାର ଗୁରୁତ୍ୱକୁ ସ୍ୱୀକୃତି ଦେଇଥିଲେ।

6. ଏହି ବୈଠକ ଲାଟିନ୍ ଆମେରିକା ଏବଂ କାରିବିଆନ୍ ଅଞ୍ଚଳରେ ଭାରତର ବୃଦ୍ଧି ପାଉଥିବା ସମ୍ପୃକ୍ତି ଏବଂ ସହଭାଗିତାକୁ ଆଗକୁ ନେବା ପାଇଁ ପାରସ୍ପରିକ ଇଚ୍ଛାକୁ ପ୍ରତିଫଳିତ କରିଥିଲା।

ନ୍ୟୁୟର୍କ

ସେପ୍ଟେମ୍ବର 22, 2026